# Akashvani, Sambalpur

## SAMBALPURI NEWS EVENING BULLETIN

## 6 January 2025- 7.02 pm- 7.12 pm.

*********************************************

୧- ରାୟଗଡ଼ା ରେଲ୍‌ମଣ୍ଡଲ୍ ଭବନ୍‌ର ଆଭାସୀ ଜରିଏ ଭିତିପ୍ରସ୍ତର୍ ଥାପ୍‌ନା କଲେ ପ୍ରଧାନ୍‌ମନ୍ତ୍ରୀ ।

- କହେଲେ ବିକଶିତ୍ ଭାରତ୍‌ର ସଂକଳ୍ପ ପୁରା କର୍‌ବାର୍ ଲାଗି ରେଲ୍‌ବାଇର ବିକାଶ୍ ଜରୁରୀ ।

୨- ରାଏଜେ ଆଏଜ୍ ମୁଲ୍ ହେଲା ଜାତୀୟ ଚିଲିକା ବିହଙ୍ଗ ଉତ୍ସବ୍ ।

୩- ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ଚାଲିଥିବା ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଆଏଜ୍ ହେଉଛେ ଉଦ୍‌ଯାପିତ୍ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ଥି ସୁର୍‌ମା ହକି କ୍ଲବ୍ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ଆଏଜ୍ ହେବା ଖେଲ୍ ।

ପ୍ରଧାନ୍‌ମନ୍ତ୍ରୀ ରାୟଗଡ଼ା ରେଲ୍‌ମଣ୍ଡଲ୍      ଆର୍‌ଏନ୍‌ୟୁ/ କଟକ୍

ବିକଶିତ୍ ଭାରତ୍‌ର ସଂକଳ୍ପ ପୁରା କର୍‌ବାର୍ ଲାଗି ଦେଶେ ରେଲ୍‌ବାଇର ବିକାଶ୍ ବହୁତ୍ ଜରୁରୀ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ଆଭାସୀ ଜରିଏ ପ୍ରଧାନ୍‌ମନ୍ତ୍ରୀ ପୂର୍ବତଟ ରେଲ୍‌ବାଇର ରାୟଗଡ଼ା ରେଲ୍ ମଣ୍ଡଲ୍ ଭବନ୍ ନିର୍ମାଣ୍‌ର ଭିତିପ୍ରସ୍ତର୍ ଥାପ୍‌ନା ସହେତେ ନୂଆଁ ଜମ୍ମୁ ରେଲ୍ ଡିଭିଜନ୍ ଆର୍ ତେଲେଙ୍ଗାନାର୍ ଚାର୍ଲାପଲ୍ଲୀ ନୂଆଁ ଟର୍ମିନାଲ୍ ଷ୍ଟେସନ୍‌ର ଉଦ୍‌ଘାଟନ୍ ଅବ୍‌ସରେ ସେ କହିଛନ୍, ଇ ସବୁ ପ୍ରକଳ୍ପ ମାନ୍‌କର୍ ଜରିଏ ନୂଆଁ ନିଯୁକ୍ତି ସୃଷ୍ଟି ଆର୍ ଭିତିଭୂମିର୍ ବିକାଶ୍, ସାମାଜିକ୍ ଅର୍ଥନୈତିକ୍ ବିକାଶ୍ ସହେତେ ପର୍ଯ୍ୟଟନ୍‌କେ ତହଁକାବା । ରାୟଗଡ଼ା ରେଲ୍‌ମଣ୍ଡଲ୍ ଭବନ୍ ତିଆର୍ ହେଲେ ଓଡ଼ିଶା, ଆନ୍ଧ୍ରପ୍ରଦେଶ୍ ଆର୍ ଆଖର୍‌ପାଖର୍ ଇଲାକାର୍ ଭିନ୍ ଭିନ୍ କ୍ଷେତ୍ରଥି ବିକାଶ୍ ହେଇପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍...
(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ - ରାୟଗଡ଼ା ରେଲ୍‌ମଣ୍ଡଲ୍   ଆର୍‌ଏନ୍‌ୟୁ/ କଟକ୍

ରାୟଗଡ଼ା ରେଲ୍‌ମଣ୍ଡଲ୍‌ର ଭିତିପ୍ରସ୍ତର୍ ଥାପ୍‌ନା ଅବ୍‌ସରେ ରେଲ୍‌ବାଇ ପଡ଼ିଆଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍

ହେଇଯାଇଛେ । ଇଥି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରେଲ୍‌ବାଇ ଆର୍ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ରବ୍‌ନୀତ୍ ସିଂ ବିଟ୍ଟୁ, ସାଂସଦ୍ ସପ୍ତଗିରି ଉଲାକା, ବଳଭଦ୍ର ମାଝୀ, ଆର୍ ବିଧାୟକ୍ ଆପଲ୍ ସ୍ୱାମୀ କାଡ୍ରାକା ପ୍ରମୁଖ ଯୋଗ୍ ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୩ ବରସ୍ ଭିତ୍‌ରେ ଇ ରେଲ୍ ଡିଭିଜନ୍ କାର୍ଯ୍ୟକ୍ଷମ୍ ହେବା ବଲି ଜନାପଡ଼ିଛେ । ଇଥି ସେ ଅଂଚଲ୍‌ର ବିକାଶ୍ ହେବାର୍ ସହେତେ ଯା'ଆସ୍ ଆର୍ ବାଣିଜ୍ୟ କ୍ଷେତ୍ରଥି ବିକାଶ୍ ହେଇପାର୍‌ବା ।

ରାୟଗଡ଼ା ଠାନେ ରେଲ୍‌ମଣ୍ଡଲ୍ ଭବନ୍‌ର ଶିଳାନ୍ୟାସ୍ କରିଥିବାର୍‌ନୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ - ପ୍ରଧାନ୍‌ମନ୍ତ୍ରୀ ଆର୍ ରେଲ୍‌ମନ୍ତ୍ରୀଙ୍କୁ କୃତଜ୍ଞତା ଜନେଇଛନ୍ ।

ଚିଲିକା ବିହଙ୍ଗ ଉତ୍ସବ ହି.ସ.

ଭୁବନେଶ୍ୱର ଲୋକସେବା ଭବନ୍ ସମ୍ମିଳନୀ କକ୍ଷଠାନେ ଆଏଜ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୫ନମ୍ବର ଜାତୀୟ ଚିଲିକା ବିହଙ୍ଗ ଉଛବ୍‌କେ ଉଦ୍‌ଘାଟନ୍ କରିଛନ୍ । ଇ ଉଛବ୍ ୧୨ତାରିଖ୍ ତକ୍ ଚାଲ୍‌ବା । ଇ ବଛର୍ ପ୍ରବାସୀ ଭାରତୀୟମାନେ ଚିଲିକା ବିହଙ୍ଗ ଉତ୍ସବ୍‌ର ବ୍ରାଣ୍ଡ

ଆମ୍ବାସେଡ଼ର୍ ହେବେ । ଆଏବା ୮ ନୁ ୧୦ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ସମ୍ମିଲନୀଥି ଓଡ଼ିଶାକେ ଆସୁଥିବା ଅତିଥିମାନ୍‌କୁ ଚିଲିକା ବୁଲାବାର୍ ସହେତେ ବିଦେଶ୍‌ନୁ ଆସୁଥିବା ପକ୍ଷୀମାନ୍‌କୁ ଦେଖିପାର୍‌ବେ । ଇଥିର୍‌ଲାଗି ଜଙ୍ଗଲ୍ ବିଭାଗ୍ ଆର୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ । ଉଛବ୍‌ଥି ପକ୍ଷୀ ଦର୍ଶନ, ଓଡ଼ିଶା ବାର୍ଡସ୍ କନ୍‌କ୍ଲେଭ୍, ପକ୍ଷୀ ପଦଯାତ୍ରା, ବନ୍ୟପ୍ରାଣୀଙ୍କ ଉପ୍‌ରେ ପ୍ରାମାଣିକ୍ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବା । ସମ୍ମିଲନୀଥି ବିଶେଷଜ୍ଞମାନ୍‌କର୍ ଆଲୋଚନା ଆର୍ କର୍ମଶାଳା କାର୍ଯ୍ୟକ୍ରମ୍ ଭିଲ୍ ହେବା ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହି.ସ.

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଲାଗି ୨ ନମ୍ବର୍ ଖେପ୍ ଆବେଦନ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଆଏବା ୨୭ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା । MSP.Odisha.gov.in ଜରିଏ ପୁରସ୍କାର୍ ଲାଗି ଆବେଦନ୍ କରାଯାଇ ପାର୍‌ବା । ଇତାର୍ ଅଧୀନ୍‌ଥି ଶିକ୍ଷକ୍ ପୁରସ୍କାର୍, ମାଧ୍ୟମିକ୍ ବିଦ୍ୟାଳୟ, ପୁରାତନ୍ ଛାତ୍ରଛାତ୍ରୀ କମିଟି , ଗ୍ରାମ୍‌ପଂଚାୟତ୍, ପ୍ରାଥମିକ ବିଦ୍ୟାଳୟ, ପ୍ରଧାନ୍‌ଶିକ୍ଷକ୍ ଆର୍ ବିଦ୍ୟାଳୟ ପରିଚାଳନା କମିଟି ବର୍ଗଥି ଶିକ୍ଷା ପୁରସ୍କାର୍ ଦିଆଯିବା ।

କୁମ୍ଭୀର ଗଣନା ଆର୍ଏନ୍ୟୁ-ସମ୍ବଲପୁର

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିନ୍ ସାତ୍‌କୋଶିଆ ନ ଆଏଜ୍‌ଠାନୁ ମଗର୍ ଗନ୍‌ତି ମୁଲ୍ ହେଇଛେ । ଆଏଜ୍‌ଠାନୁ ତିନ୍‌ଦିନ୍ ତକ୍ ସଖାଲର୍ ୬ ବଜେନୁ ମଏଧାନର୍ ୧୨ ବଜେ ତକ୍ ଗନ୍‌ତି ଚାଲ୍‌ବା ବଲି ଛାମୁଣ୍ଡିଆ ବନାଂଚଲ୍ ଅଧିକାରୀ ସୂଚ୍‌ନା ଦେଇଛନ୍ । ବନାଂଚଲ୍‌ର ମଣିଭଦ୍ରାଠାନୁ ମାରଢ଼ା ପଦ୍ମାବତୀ ତକ୍ ୩ଟା ଟିମ୍ ଗନ୍‌ତି କାମ୍‌ଥି ଲାଗିଛନ୍ । ହେନ୍ତା ୧୭ ଆର୍ ୧୮ ତାରିଖ୍ ଚଢ଼େଇ ଗନ୍‌ତି ହେବା ବଲି ସେ ସୂଚ୍‌ନା ଦେଇଛନ୍ ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ୪ ନମ୍ବର୍ ଦିନେ ମଥୁରା ନଗରୀ ନ ବାଣାସୁର ପରାଜୟ, ଷଡ଼୍‌ମଲ୍ଲଙ୍କର୍ ମୃତ୍ୟୁ ଖବର୍ ଲାଗି କଂସ ମହାରାଜ୍‌ଙ୍କର୍ ଶୋକ, ରାଣୀ ପଦ୍ମାବତୀଙ୍କର୍ ଧନୁଶ୍ରୀ ଉଷା ଲାଗି ପ୍ରସ୍ତୁତି, ପୁତ୍‌ନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢାସୁର, ଷଡ଼୍‌ମଲ୍ଲଙ୍କୁ ଗୋପପୁର ପ୍ରେରଣ, ମୁକ୍ତେଶ୍ୱର୍ ବାବାଙ୍କର୍ ରୁଦ୍ରାଭିଷେକ ବାଗିର୍ ଦୃଶ୍ୟ ଅଭିନୟ ହେବା । ସେଆଡ଼େ ଗୋପପୁର୍ ନ କୃଷ୍ଣଙ୍କର୍ ବାଲ୍ୟଲୀଳା, କଂସ ପଠେଇଥିବା

ରାକ୍ଷସ୍‌ମାନ୍‌କର୍ ବଧ ଆର୍ ନନ୍ଦୋତ୍ସବ୍ ଦୃଶ୍ୟ ଅଭିନୟ ହେଇଛେ ।

ଧନୁଯାତ୍ରା- ଶିକ୍ଷାନୁଷ୍ଠାନ୍ ସମୟ ପରିବର୍ତନ୍ ହି.ସ.

ବର୍‌ଗଡ଼୍ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ମଥୁରା ନଗରୀ ନ ଥିବା ସବୁ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ସମିଆ ବଦ୍‌ଲାଯାଇଛେ । ଜବର୍ ଭିଡ଼୍ ଆର୍ ଟ୍ରାଫିକ୍ ସମସ୍ୟାକେ ନଜର୍‌ଥି ରଖିକରି ଆଏବା ୧୩ ତାରିଖ୍‌ତକ୍ ସଖାଲର୍ ୮ ବଜେନୁ ଦିନର୍ ୧ ବଜେତକ୍ ବିଦ୍ୟାଳୟମାନ୍ ଖୁଲାରହେବା । ୧୩ ତାରିଖ୍ ଉତ୍‌ରୁ ସବୁ ଶିକ୍ଷାନୁଷ୍ଠାନ୍ ଆଘର୍ ବାଗିର୍ କାମ୍ କର୍‌ବା ବଲି ଜିଲ୍ଲା ଶିକ୍ଷା ଅଧିକାରୀ ସୂଚ୍‌ନା ଦେଇଛନ୍ ।

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରର୍ ବିର୍ସାମୁଣ୍ଡା ପଡ଼ିଆ ଠାନେ ଗଲା ୩ ଦିନ୍ ହେଲା ଚାଲିଥିବା ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ- ୨୦୨୫ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ମା ସମଲେଇଙ୍କର୍ ପୂଜା ଉତ୍‌ରୁ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ଉଦ୍‌ଯାପନୀ ସନ୍ଧ୍ୟା ଗଜ୍‌ଗଜାବା । ଆଏଜ୍ ସଖାଲର୍ ୧୦ ବଜେନୁ ୨ ବଜେତକ୍ ପହେଲା ଅଧିବେଶନ୍‌ଥି ଆଲୋଚନା ଚକ୍ର ଆର୍ ଦୁଇ ନମ୍ବର୍

ଅଧିବେଶନ୍ ୨ ବଜେନୁ କବିତା ପାଠୋତ୍ସବ୍ ହେଇଥିଲା । ସେଆଡ଼େ ଆଏବା କାଏଲ୍‌ଠାନୁ ୨ ଦିନିଆ ଯୁବ ମହୋତ୍ସବ୍ ମୁଲ୍ ହେବା ।

ଜେଏମ୍‌ଏଫ୍‌ସିର ଥାୟୀ କୋଠା ଶିଲାନ୍ୟାସ୍/ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାର୍ ବାର୍‌କୋଟ୍ ଠାନେ ନୂଆଁ ଜେଏମ୍‌ଏଫ୍‌ସିର ଥାୟୀ କୋଠା ତିଆର୍ ଆର୍ ରିଆମାଲ୍ ଜେଏମ୍‌ଏଫ୍‌ସି କୋର୍ଟ କର୍ମଚାରୀଙ୍କର୍ ଲାଗି ଘର୍, ଓକିଲ୍ ସଂଘର୍ କୋଠାର୍ ଶିଲାନ୍ୟାସ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ହାଇକୋର୍ଟ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଆଭାସୀ ଜରିଏ ଇତାର୍ ଶିଲାନ୍ୟାସ୍ କରିଛନ୍ ।

ଜନଅଭିଯୋଗ୍ ଶୁଣାଣି ଶିବିର ଦେବ୍‌ଗଡ଼୍/ସମ୍ବଲପୁର/ବୌଦ୍ଧ/ଝାର୍‌ସୁଗୁଡ଼ା/ସୋନ୍‌ପୁର୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍

ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ ଠାନେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଅଭିଯୋଗ ଶୁଣାଣି ଶିବିର ହେଇଯାଇଛେ । ଶିବିର୍ ନ ୪୭ ଟା ଅଭିଯୋଗ୍ ପଞ୍ଜିକୃତ ହେଇଥିଲା । ଅଭିଯୋଗ୍ ମାନ୍‌କର୍ ତୁର୍ତି ସମାଧାନ୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ହେନ୍ତା ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିରଥି ରାସ୍ତା, ଡ୍ରେନ୍ ଆର୍ ପାର୍କ ଉପ୍‌ରେ ୪ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ୧୯ ଟା ଅଭିଯୋଗ୍ ଗ୍ରହଣ୍ ହେଇଥିଲା । ଜିଲ୍ଲାପାଲ୍ ଆର୍ ଆର୍‌କ୍ଷୀ ଅଧିକ୍ଷକ ଅଭିଯୋଗ୍ ସବୁ ଶୁନିକରି ତୁର୍ତି ସମାଧାନ୍ ଦିଗେ କାମ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକଙ୍କର୍ ଜନଶୁଣାଣି ଶିବିର୍‌ଥି ୩୮ ଟା ଅଭିଯୋଗ୍ ଆସିଥିଲା । ସେ ଭିତ୍‌ରୁ ୨୬ ଟା ଅଭିଯୋଗ୍‌ର ତୁର୍ତି ସମାଧାନ୍ କରାଯାଇଛେ ।

ଝାର୍ସୁଗୁଡ଼ା ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ଠାନେ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର୍ଥି ୬୯ ଟା ଅଭିଯୋଗ୍ ଆସିଥିଲା । ଜିଲ୍ଲାପାଲ୍ ଆର୍ ଏସ୍.ପି. ଅଭିଯୋଗ୍ ଶୁନିକରି ସମାଧାନ୍ ଲାଗି ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ସୋନ୍ପୁର୍ ବ୍ଲକ୍ କାର୍ଯ୍ୟାଳୟ ନ ଅତିରିକ୍ତ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ୨୯ ଟା ଅଭିଯୋଗ୍ ପତ୍ର ଗ୍ରହଣ୍ କରାଯାଇଥିଲା । ତୁର୍ତି ସମାଧାନ୍ ଲାଗି ପଦକ୍ଷେପ୍ ନେବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ନୂଆପଡ଼ା ଜିଲ୍ଲା ସଦ୍ଭାବନା ସଭା କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍ଥି ୮୮ ଟା ଅଭିଯୋଗ୍ ଆସିଥିଲା । ଜିଲ୍ଲାପାଲ୍ ଆର୍ ଏସ୍.ପି. ଅଭିଯୋଗ୍ ମାନ୍କର୍ ଶୁଣାଣି କରିଥିଲେ ।

ବୌଦ୍ଧ-ସଡ଼କ୍ ସୁରକ୍ଷା ସପ୍ତାହ       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଂଚଲିକ୍ ପରିବହନ୍ ବିଭାଗ୍ ଆର୍ ବୌଦ୍ଧ ବରିଷ୍ଠ ନାଗରିକ ମଂଚ୍ ତର୍ଫୁ ସଡ଼କ୍ ସୁରକ୍ଷା ସପ୍ତାହ ପାଲନ୍ ଉଧେ ଲୁକ୍କୁ ଟ୍ରାଫିକ୍ ନିୟମ୍ ପାଲନ୍ ଲାଗି ସଚେତନ୍ କରାଯାଇଛେ । ଜିଲ୍ଲା ନ ଇହାଦେ ବୌଦ୍ଧ ମହୋତ୍ସବ୍ ଆର୍

ପଲ୍ଲିଶ୍ରୀ ମେଳା ଲାଗି ଜବର୍ ଭିଡ୍ ଲାଗି ରହିଛେ । ହେଥିର୍‌ଲାଗି ଗାଡ଼ି ଚଲାଚଲ୍ ବେଲେ ଲୁକ୍‌କୁ ଅଏତ୍‌କା ସତର୍କ ରହେବାର୍‌କେ ସହରର୍ ବିଜୁ ପଟ୍ଟନାୟକ୍ ଛକ୍‌ଠାନେ ଆଂଚଲିକ୍ ପରିବହନ୍ ବିଭାଗ୍‌ର କର୍ମଚାରୀ ଆର୍ ବରିଷ୍ଠ ନାଗରିକ୍‌ମାନେ ସଚେତନ୍ କରିଛନ୍ ।

ସୁବର୍ଣ୍ଣ ଲୋକମହୋତ୍ସବ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍‌ର ରାମେଶ୍ୱର୍ ଷ୍ଟାଡ଼ିୟମ୍ ନ ସୁବର୍ଣ୍ଣ ଲୋକମହୋତ୍ସବ୍ ଆଏଜ୍ ବେଲ୍‌ବୁଡ଼େ ଉଦ୍‌ଘାଟିତ ହେଇଛେ । ଇଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ସୁବର୍ଣ୍ଣ ଲୋକ୍‌ମହୋତ୍ସବ୍ ସୁବର୍ଣ୍ଣପୁର୍ ମାଟିର ଅସ୍ମିତା ବଲି କହିଛନ୍ । ଜିଲ୍ଲାପାଲ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଲୋକ୍‌ମହୋତ୍ସବ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ୍, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା ଯୋଗ୍ ଦେଇଥିଲେ ।

ଆଲୁ ଚାଷ୍ ହି.ସ.

ରାଜ୍ୟ ସରକାର୍ ଆଲୁ ଚାଷ୍ ଉପ୍‌ରେ ଗୁରୁତ୍ୱ ଦଉଛନ୍ । କୃଷି ମନ୍ତ୍ରୀଙ୍କର୍ ସହେତେ ଇ ବାବ୍‌ଦେ ଆଲୋଚନା ଉତ୍‌ରୁ ଇ ବଛର୍ ୬ ଲାଖ୍ ମେଟ୍ରିକ୍ ଟନ୍‌ନୁ ଅଏତ୍‌କା ଆଲୁ ଚାଷ୍ କରାଯିବା ବଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ସୁର୍‌ମା ହକି କ୍ଲବ୍ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।